# Akashvani, Sambalpur

## SAMBALPURI NEWS MORNING BULLETIN

## 23 February 2026 - 6.47- 6.52 am.

---

ମନ୍ କି ବାତ୍        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ଥି ଗଲାକାଏଲ୍ କୃତ୍ରିମ ବୁଦ୍ଧିମତାର୍ ସଠିକ୍ ବେଭାର୍, ଭାରତ୍ର ଏଆଇ ଅଭିଯାନ୍, ଚାଷ୍ବାସ୍ ସହେତେ ଡିଜିଟାଲ୍ ଠକେଇ ବାବ୍ଦେ ଆଲୋଚନା କରିଛନ୍ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ସୁନ୍ଦର୍ଗଡ଼୍ ଜିଲ୍ଲାର୍ ରତନ୍ପୁରର୍ ଯୁବ ଚାଷୀ ହୀରୋଦ୍ ପଟେଲ୍ଙ୍କର୍ ଚାଷ୍ କାମ୍ର ବହୁତ୍ ପ୍ରଶଂସା କରିଛନ୍ । ହୀରୋଦ୍ ଜମିର୍ ଉଚିତ୍ ବେଭାର୍ କରିକରି ପାନିର୍ ସୁରକ୍ଷା ଆଉ ଅଏତ୍କା କମାନିର୍ ସମ୍ଭାବନାକେ ସାକାର୍ କରିକରି ସମ୍କର୍ ଲାଗି ଗୁଟେ ଉଦାହରଣ୍  ସାଜିଛନ୍ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ । ଚାଷୀମାନେ ତାଙ୍କର୍ ଇ ଚେରେଷ୍ଟାକେ ଅପ୍ନାବାର୍

ସହେତେ ତାଙ୍କର୍ ଫାର୍ମ ହାଉସ୍ ବୁଲି ଦେଖିବାର୍କେ ପ୍ରଧାନ୍ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ମିଶନ୍ ଶକ୍ତି ସମୀକ୍ଷା ବୈଠକ୍        ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର ମିଶନ୍ ଶକ୍ତି ଭବନ୍ ନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ମିଶନ୍ ଶକ୍ତି ବିଭାଗ୍ ଆଉ ଓଡ଼ିଶା ଜୀବିକା ମିଶନ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ବିଭାଗ୍ର ସବୁ ଶାଖାର୍ କାମ୍ କାଜ୍ ଆଉ ଜିଲ୍ଲା ଭିତିକ୍ ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଛେ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚଲ୍ତି ଆର୍ଥିକ୍ ବଛର୍ର ସଫଲତା, ଭିନ୍ ଭିନ୍ ଯୋଜ୍ନାର୍ ଅଗ୍ରଗତି, ବେଙ୍କ୍ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍କୁ ଉଦ୍ୟୋଗ୍ପତି କର୍ବାର୍ ସହେତେ ସେମାନ୍କର୍ କମାନି ବଢ଼ାବାର୍ ଲାଗି ନିଆଯାଉଥିବା ପଦକ୍ଷେପ୍ ମାନ୍କର୍ ସମୀକ୍ଷା କରିଛନ୍ । ମହିଳାମାନ୍କୁ ଉଦ୍ୟୋଗୀ କର୍ବାର୍ ସହେତେ ଆହୁରି ଅଏତ୍କା ଲକ୍ଷପତି ଦିଦି ଆଉ

ମହାଲକ୍ଷପତି ଦିଦି ବନାବାର୍‌କେ ସର୍‌କାର୍ ଜୋର୍ ଦଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

‘ଆମ ଗୌରବ ଆମ କଲେଜ୍’ ଆଇ.ଆଣ୍ଡ୍.ପି.ଆର୍

ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ‘ଆମ ଗୌରବ ଆମ କଲେଜ୍’ ଯୋଜ୍‌ନାଥି ରାଜ୍ୟର୍ ଗୁଟେ ବିଶ୍ୱବିଦ୍ୟାଳୟ ଆଉ ୧୧ ଟା ମହାବିଦ୍ୟାଳୟର୍ ବିକାଶ୍ ଲାଗି ୧ କୋଟି ୭୩ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଶିକ୍ଷାନୁଷ୍ଠାନ୍ ଭିତିଭୂମି ଆଉ ଶିକ୍ଷା ପ୍ରକଳ୍ପ ମାନ୍‌କର୍ ବିକାଶ୍ ଲାଗି ଇ ସାହାଜ୍ ଟଙ୍କା ଖର୍ଚ୍ଚା କରାଯିବା । ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ସାମଗ୍ରିକ୍ ବିକାଶ୍ ସାଙ୍ଗେ ପାଠାଗାର୍, କ୍ରୀଡ଼ା ଆଉ ଏକାଡେମୀ କୁଠା ତିଆର୍, ୱାଇଫାଇ ସୁବିଧା, ସିସିଟିଭି କେମ୍‌ରା ବ୍ୟବସ୍ଥା କର୍‌ବାର୍ ଦିଗେ ଇ ଟଙ୍କା ବେଭାର୍ କରାଯିବା । କଟକ୍ ରେଭେନ୍ସା ମହାବିଦ୍ୟାଳୟ ସହେତେ ସମ୍ବଲ୍‌ପୁର୍ ଜିଲ୍ଲାର୍ ନାକଟିଦେଉଲ୍ ଡିଗ୍ରୀ କଲେଜ୍, ବଲାଙ୍ଗିର୍ ଜିଲ୍ଲାର୍ ଆଗଲ୍‌ପୁର୍ ଡିଗ୍ରୀ କଲେଜ୍, ବର୍‌ଗଡ଼୍ ଜିଲ୍ଲାର୍ ବିଜେପୁର୍ ଡିଗ୍ରୀ କଲେଜ୍, ଦେବ୍‌ଗଡ଼୍ ଜିଲ୍ଲା ପଂଚାୟତ୍ ଡିଗ୍ରୀ କଲେଜ୍, ଝାର୍‌ସୁଗୁଡ଼ା ଜିଲ୍ଲା

ମହିମା ଡିଗ୍ରୀ କଲେଜ୍, ସୁନ୍ଦରଗଡ଼୍ ଜିଲ୍ଲାର୍ ଯଶୋଦା ବିଷ୍ଣୁ କଲେଜ୍ ଇଥି ସାମିଲ୍ ହେଇଛେ ।

ଏମ୍ସ- ଜେ.ପି. ନଡ୍ଡା ପି.ଆଇ.ବି.

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଭୁବ୍‌ନେଶ୍ୱର୍ ଏମ୍ସ ନ ଯକୃତ ପ୍ରତ୍ୟାରୋପଣ କେନ୍ଦ୍ର ଆଉ ରୋବୋଟିକ୍ ଅସ୍ତ୍ରୋପଚାର୍ ବ୍ୟବସ୍ଥାର୍ ଶୁଭାରମ୍ଭ କର୍‌ବେ । ଇ ଦୁହି ବ୍ୟବସ୍ଥାର୍ ପ୍ରଚଲନ୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ଏମ୍ସ ନ ସ୍ୱାସ୍ଥ୍ୟ ସେବା ଆହୁରି ବର୍‌କସ୍ ହେଇପାର୍‌ବା ବଲି ଆଶ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ୨୦୨୫-୨୬ ଅଧୀନ୍‌ଥି ସବୁ ପୁରସ୍କାର୍ ଲାଗି ଆବେଦନ୍ ସମିଆ ଆଏବା ୨୮ ତାରିଖ୍‌କେ ବଢ଼ାଯାଇଛେ । ଯୋଗ୍ୟ ଆବେଦନ୍‌କାରୀମାନେ ଇତାର୍ ୱେବ୍‌ସାଇଟ୍ www.msp.odisha.gov.in ଥି ଆବେଦନ୍

କରିପାର୍‌ବେ । ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ବ୍ଲକ୍ ଶିକ୍ଷା ଅଧିକାରୀମାନ୍‌କର୍ ଲାଗି ଆବେଦନ୍‌ଥି କୋହଲ କରାଯାଇଛେ ।

ଅପରେସନ୍ ସାଇବର୍ କବଚ ଆଇ.ଆଣ୍ଡ୍.ପି.ଆର୍

ସାଇବର୍ ଅପରାଧ୍ ରୁକ୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ମୁଲ୍ ହେଇଥିବା ଅପରେସନ୍ ସାଇବର୍ କବଚ ଥି ଏବ୍‌ତକ୍ ସାରାରାଏଜେ ୩ ହଜାର୍ ୬ ଶହ ୨୫ ଟା ବେନାମୀ ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯାଇଛେ । ମାମ୍‌ଲାଥି ଶହେ ୮୭ ଝନ୍‌କୁ ଗିରଫ୍ କରାଯାଇଥିଲା ବେଲେ ୧ ହଜାର୍ ୭୫ ଝନ୍ ସନ୍ଦିଗ୍ଧ ଆଉ ଏକାଉଂଟ୍‌ଧାରୀଙ୍କୁ ନୋଟିସ୍ ଜାରି କରାଯାଇଛେ ।

ଚନ୍ଦ୍ରଗ୍ରହଣ୍ ପୁରୀ ସମ୍ବାଦଦାତା

ଆଏବା ୩ ତାରିଖ୍ ଫଗୁନ୍ ପୁନି ଦିନ ଚନ୍ଦ୍ରଗ୍ରହଣ୍ ହେବା । ସୂର୍ଯ୍ୟାସ୍ତ ହେବାର୍ ଆଘୋନୁ ୩ ବାଜିକରି ୨୦ ମିନିଟ୍ ୧୭ ସେକେଣ୍ଡ୍‌ଥି ଗ୍ରହଣ ସ୍ପର୍ଶ କରିକରି ବେଲ୍‌ବୁଡ଼ର୍ ୬ ବାଜିକରି ୪୭ ମିନିଟ୍‌ଥି

ସର୍ବମୋକ୍ଷ ହେବା । ଫଗୁନ୍‌ପୁନି ଦିନ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଖାସ୍ ନୀତିକାନ୍ତି ଥିବାର୍‌ନୁ ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନୀତି ନିର୍ଘଂଟ ତିଆର୍ କରାଯାଇଛେ ।

ଜଙ୍ଗଲ୍ ନିଆଁ -ସଚେତନତା କାର୍ଯ୍ୟକ୍ରମ   ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଲ୍‌ପାହାଡ୍ ବନାଂଚଲ୍ ତର୍‌ଫୁ ଜଙ୍ଗଲ୍ ନିଆଁ ଆଏତ୍ କର୍‌ବାର୍ ଲାଗି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବେଲ୍‌ପାହାଡ୍ ବନାଂଚଲ୍ ଅଧିକାରୀ ପ୍ରଦୀପ୍ ନାୟକଙ୍କର୍ ଦେଖ୍‌ରେଖିଥି କଦମ୍‌ଡିହି ଆଉ ଭିକମ୍‌ପାଲି ସେକ୍ସନ୍ ନ ସଂଚାର କଳା ଜରିଏ ଲୁକ୍‌କୁ ଜଙ୍ଗଲ୍ ନିଆଁକେ ଆଏତ୍ କର୍‌ବାର୍ ଲାଗି ସଚେତନ୍ କରାଯାଇଥିଲା ।

ରାଜ୍ୟ ପୁଲିସ୍ ହକି ଚାମ୍ପିଅନ୍‌ସିପ          ଆଇ.ଆଣ୍ଡ୍.ପି.ଆର୍

ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ୭୫ ନମ୍ବର୍ ରାଜ୍ୟ ପୁଲିସ୍ ହକି ଚାମ୍ପିଅନ୍‌ସିପ୍ -୨୦୨୬ ଗଲାକାଏଲ୍ ମୁଲ୍

ହେଇଯାଇଛେ । ପଶ୍ଚିମାଂଚଲ୍ ଡିଆଇଜି ବ୍ରିଜେଶ୍ ରାୟ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲ୍‌ର ଶୁଭାରମ୍ଭ କରିଥିଲେ । ଚାମ୍ପିଅନ୍‌ସିପ୍‌ଥି ରାଜ୍ୟର୍ ଭିନ୍ ଭିନ୍ ରେଞ୍ଜ୍ ଆଉ ବାଟାଲିୟନ୍ ନୁ ୧୪ ଟା ପୁଲିସ୍ ଟିମ୍ ସହେତେ ୩ ଶହ ୨୦ ଝନ୍ ଖେଲାଲି ଯୋଗ୍ ଦେଇଛନ୍ । ପହେଲା ଦିନେ ଗଲାକାଏଲ୍ ୧୪ ଟା ମେଚ୍ ଖେଲାଯାଇଥିଲା । ପ୍ରତିଯୋଗିତା ଆଏବା ୧୪ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ କ୍ଷେତ୍ର ଇହାଦେ ଫଟିକ୍ ଭାବେ ଜନାପଡୁଛେ । ଇଟା ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ଯାଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ଲଘୁଚାପ୍ କ୍ଷେତ୍ର ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ ସାଗର୍‌ର ଉତର୍-ପୂର୍ବ ଦିଗ୍‌କେ ମୁହେଁଇପାରେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ କେତେଟା ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍

ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫରୁ ଅନୁମାନ୍ କରାଯାଇଛେ ।